## ସଂକ୍ଷେପରେ

### ଗଣେଶପୂଜା ପ୍ରସ୍ତୁତି ବୈଠକ

ଯାଜପୁର ଟାଉନ,୭।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ସହରରେ ଗଣେଶ ପୂଜା ମହାସମାରୋହରେ ପାଳନ ହେଉଥିବାବେଳେ ଏଥିରେ ୭୦ରୁ ଊର୍ଦ୍ଧ୍ୱ ମେଢ଼ ପୂଜା ପାଇଥାନ୍ତି। ଆଗାମୀ ୧୯ ତାରିଖରେ ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ୨୧ ତାରିଖରେ ଭସାଣି ହେବ। ଏଥିନିମନ୍ତେ ଯାଜପୁର ସହରର ପୁରାତନ ଡ୍ରାଗନ୍ କ୍ଲବ୍ ପକ୍ଷରୁ ଗଣେଶ ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ରଶ୍ମିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂଜା ସହ ଭସାଣ ମହୋତ୍ସବ କିପରି ଶାନ୍ତିଶୃଙ୍ଖଳା ସହ ସମାପନ ହେବ ସେ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ କ୍ଲବ୍ ଉପସଭାପତି ଦୀପକ ଦାସ, ତପନ ବେହେରା, କାର୍ଯ୍ୟକାରୀ ସଦସ୍ୟ ଉମାକାନ୍ତ ପାତ୍ର, ସତ୍ୟଜିତ ନନ୍ଦ, କୈବଲ୍ୟ ସାହୁ, ଦେବାଶିଷ ସନ୍ଧିବିଗ୍ରହ ଓ ଚନ୍ଦନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଳ୍ପୀ ବାବନ ଚରଣ ଜେନାଙ୍କ ପରଲୋକ

କୋରେଇ,୭।୯ (ଚନ୍ଦ୍ରକାନ୍ତ ପତି)



ପ୍ରସିଦ୍ଧ ଶିଳ୍ପୀ ବାବନ ଚରଣ ଜେନାଙ୍କ ଗୁରୁବାର ଅପରାହ୍ନ ୫ଟା ୨୫ ମିନିଟରେ ମଞ୍ଜୁରୀସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୮ ବର୍ଷ ବୟସ ହେଉଥିଲା। ଜଣେ ପ୍ରତିଷ୍ଠିତ ଶିଳ୍ପୀ ଭାବେ ଯାଜପୁର ଓ ଭଦ୍ରକ ଜିଲାରେ ତାଙ୍କର ସ୍ୱତନ୍ତ୍ର ସୁଖ୍ୟାତି ରହିଛି। କିଛି ଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଖବର ପାଇ ବ୍ୟାସ ପ୍ରିଣ୍ଟ ମିଡିଆ ସଂଘର ସଭାପତି ହାରାଧନ ବାନାର୍ଜୀ, ସାଧାରଣ ସମ୍ପାଦକ ଚିନ୍ତାମଣି ପାଢୀଙ୍କ ସମେତ ସମସ୍ତ ସଦସ୍ୟ ଶୋକବ୍ୟକ୍ତ କରିଛନ୍ତି। ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡାଇ, ବରିଷ୍ଠ ରାଜନେତା ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, କୋରେଇ ବିଧାୟକ ଅଶୋକ ବଳ, ପୂର୍ବତନ ବିଧାୟକ ଆକାଶ ଦାସ ନାୟକ, ସଞ୍ଚିତା ମହାନ୍ତି, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ପୌରାଧ୍ୟକ୍ଷା ସଂଗୀତା ପିଙ୍ଗୁଆ, ଉପ ନଗରପାଳ ସୁବାସ ବଳ, ଜିଲା ବିଜେଡି ସଭାନେତ୍ରୀ ସବିତା ରାଉତ, ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି, ପୂର୍ବତନ ଉପ ନଗରପାଳ ହୃଦାନନ୍ଦ ସାମଲ, ପ୍ରମୋଦ କୁମାର ପରିଡା ପ୍ରଫୁଲ୍ଲ କୁମାର ବୋଇତାଇ ପ୍ରମୁଖ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୁ, ନାତି, ନାତୁଣୀ ପରିବାର ବର୍ଗ, ବନ୍ଧୁ ପରିଜନ ଉପସ୍ଥିତ ଥିବାବେଳେ ଯାଜପୁରର ବାରୁଣୀ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ମଝିଆ ପୁଅ ପ୍ରସନ୍ନ କୁମାର ଜେନା ମୁଖାଗ୍ନି ଦେଇଥିଲେ।

### ଅବସରପ୍ରାପ୍ତ ଧାନଶିକ୍ଷକଙ୍କ ପରଲୋକ

ସିଂହପୁର,୭।୯ (ଅନଙ୍ଗ ଉଦୟ ବେହୁରିଆ):



ବିଞ୍ଝାରପୁର ଅଞ୍ଚଳର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗବତ ପ୍ରସାଦ ଦାଶଙ୍କ ବୁଧବାର ଭୁବନେଶ୍ୱର ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ଏ ଖବର ପହଞ୍ଚିବା ପରେ ଫତେପୁର ବରୁଣେଇ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ପ୍ରେମ ଚାନ୍ଦ ନନ୍ଦ, ଦଶରଥ ସାହୁ, ପୁରୁଷୋତ୍ତମ ନାୟକ, ପୁରାତନ ଛାତ୍ର ପଦ୍ମାକର ଗୁରୁ, ସୁନାକର ମହକୁଲ, ରମେଶ ଗୁରୁ, କଳିଙ୍ଗ ମହାକୁଲ, ସଚ୍ଚିଦାନନ୍ଦ ଗୁରୁ, ପରେଶ ବେହେରା, ନିର୍ମଳ କୁମାର ମଲିକ, ଡାକ୍ତର ସତ୍ୟପ୍ରକାଶ ଧଳଙ୍କ ସମେତ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ସାମଲ, ସହକର୍ମୀ ପ୍ରତିଭା ଦାସ, ସହକର୍ମୀ ସୁଶାନ୍ତ କୁମାର ଶତପଥୀ, ସବିତା ଆଚାର୍ଯ୍ୟ, ରମେଶ ଗୁରୁ, ମମତା ପଣ୍ଡା, ଚତୁର୍ଭୁଜ ସାହୁ, ମନୋଜ ପଣ୍ଡା, ପ୍ରଫୁଲ କୁମାର ବେହେରା ଓ ନିରଞ୍ଜନ ପାତ୍ର ପ୍ରମୁଖ ଗଭୀର ମର୍ମାହତ ହେବା ସହ ଅମର ଆତ୍ମଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି।

# ରାସ୍ତା ମାଡ଼ି ବସୁଛନ୍ତି ବ୍ୟବସାୟୀ

- ଟ୍ରାଫିକ ସମସ୍ୟା ସହ ବଢ଼ୁଛି ଦୁର୍ଘଟଣା
- ତୁରନ୍ତ ସମସ୍ୟା ସମାଧାନ ଦାବି

ଯାଜପୁରରୋଡ୍,୭।୯ (ପବିତ୍ର ରଞ୍ଜନ ମହାନ୍ତି):



ଡାକବଙ୍ଗଳା ଛକର ଗୋଟିଏ ପଟେ ଠେଲାଗାଡ଼ିରେ ବ୍ୟବସାୟୀ ଅନ୍ୟପଟେ ସହର ମଧ୍ୟକୁ ଭାରୀଯାନ ପ୍ରବେଶ।

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳାଭାବେ ପରିଚିତ ବ୍ୟାସନଗର ସହରର ଲୋକସଂଖ୍ୟା ଦିନକୁ ଦିନକୁ ଆଶାତୀତ ଭାବେ ବୃଦ୍ଧି ପାଉଛି। ସେହି ଅନୁଯାୟୀ ସହର ମଧ୍ୟରେ ଯାନବାହନ ଚଳାଚଳ ବୃଦ୍ଧି ପାଇବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକର ପାର୍କିଂ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ଗାଡ଼ିରଖି ଲୋକେ ସାମଗ୍ରୀ କ୍ରୟ କରୁଛନ୍ତି। ଯଦ୍ୱାରା ପଥଚାରୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେବାସହ ବହୁ ସମୟରେ ଦୁର୍ଘଟଣାମାନ ଘଟୁଛି। ଅନ୍ୟପଟେ ପୌର ପରିଷଦର ରାସ୍ତା କଡ଼ ବ୍ୟବସାୟୀଙ୍କ ପାଇଁ ଭେଣ୍ଡିଂ ଜୋନ୍ ବ୍ୟବସ୍ଥା ନ ଥିବାରୁ ସେମାନେ ରାସ୍ତା କଡ଼ରେ, ଡ୍ରେନ ଉପରେ ଓ ଠେଲା ଗାଡ଼ିରେ ବ୍ୟବସାୟ କରୁଛନ୍ତି। ଫଳରେ ମନଇଚ୍ଛା ରାସ୍ତାକୁ ମାଡ଼ି ପସରା ମେଲି ବସୁଛନ୍ତି। ହେଲେ ସେମାନଙ୍କ ଉପରେ ପୌର କର୍ତ୍ତୃପକ୍ଷଙ୍କ କୌଣସି ଲଗାମ ନାହିଁ। ଏହାର ଉଦାହରଣ ଦେଖିବାକୁ ମିଳିଛି ସହରର ମୁଖ୍ୟ ଚଳଚଞ୍ଚଳ ଡାକବଙ୍ଗଳା ଛକଠାରୁ ତାରିଣୀ ମାର୍କେଟ ରାସ୍ତାରେ। ଏହି ଛକ ନିକଟରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଅବସ୍ଥିତ। ଉକ୍ତ କାର୍ଯ୍ୟାଳୟ ପାଚେରି କଡ଼ରେ ଫଳ ଓ ପରିବା ବ୍ୟବସାୟୀ ସକାଳୁ ରାତି ପର୍ଯ୍ୟନ୍ତ ନିଜର ପସରା ମେଲି ବସିବା ଦ୍ୱାରା ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେଉଛି। ଫଳରେ ଉକ୍ତ ରାସ୍ତାଟି ସଂକୁଚିତ ହୋଇ ପଡୁଛି। ଏହାସହିତ ନିକଟରେ ଥିବା ଗ୍ରୀନ ମାର୍କେଟକୁ ସାମଗ୍ରୀ ନେଇ ଆସୁଥିବା ଭାରିଯାନଗୁଡ଼ିକ ଘଣ୍ଟାଘଣ୍ଟା ଧରି ରାସ୍ତାଉପରେ ରଖିବା ଦ୍ୱାରା ସାଧାରଣ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାରେ ଯାଜପୁରରୋଡ୍ ରେଲ୍‌ୱେ ମାଲଗୋଦାମରୁ ବହୁ ସମୟରେ ସାମଗ୍ରୀ ନେଇ ଯାଉଥିବା ଭାରିଯାନ ପାଇଁ ସମସ୍ୟା ଅଧିକ ଜଟିଳ ହେବାସହ ବହୁ ସମୟରେ ଦୁର୍ଘଟଣା ଘଟି ଜୀବନ ହାନି ଘଟୁଥିବା ନଜିର ରହିଛି। ବିଶେଷକରି ରାସ୍ତାଟି ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ କରୁଥିବାରୁ ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀ ଗାଡ଼ିଗୁଡିକ ଯିବାଆସିବାରେ ଅସୁବିଧା ହେଉଛି। ଗର୍ଭବତୀ ଓ ଅନ୍ୟ ଜରୁରୀ ଚିକିତ୍ସା ପାଇଁ ଆସୁଥିବା ରୋଗୀ ବିଳମ୍ବରେ ପହଞ୍ଚିବାରୁ ମୃତ୍ୟୁ ମୁଖରେ ପଡୁଛନ୍ତି।

ରାସ୍ତାକଡ଼ ବ୍ୟବସାୟୀଙ୍କଠାରୁ କେତେଜଣ ଅସାଧୁ ପୌର କର୍ମଚାରୀ ନାମକୁ ମାତ୍ର ରସିଦ କାଟି ଅର୍ଥ ଆଦାୟ କରୁଥିବା ବେଳେ ନିଜ ପକେଟ ଗରମ କରୁଥିବା ଅଭିଯୋଗ ହେଉଛି। ଡାକବଙ୍ଗଳା ଛକରୁ ତାରିଣୀ ମାର୍କେଟ ପର୍ଯ୍ୟନ୍ତ ରାସ୍ତାର ଗୋଟିଏ ପାର୍ଶ୍ୱ ରେଲୱେର ହୋଇଥିବାରୁ ଉକ୍ତ ରାସ୍ତାକଡ଼ ଉଠା ଦୋକାନୀଙ୍କଠାରୁ ରେଳ ସୁରକ୍ଷା ବଳର କେତେଜଣ କର୍ମଚାରୀ ମାସିକିଆ ବଟି ନେଉଥିବା ଶୁଣିବାକୁ ମିଳୁଛି। ସହରରେ ବିଧିବଦ୍ଧ ଭାବେ କୌଣସି ଟ୍ରାଫିକ ବ୍ୟବସ୍ଥା ନ ଥିବାରୁ ସହରବାସୀ ଦୈନନ୍ଦିନ ଜୀବନରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛୋଟ ବଡ଼ ଦୁର୍ଘଟଣାମାନ ଘଟି ଧନ ଜୀବନ ହାନି ହେଉଛି। ଏଥିପ୍ରତି ପୌର କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ଉକ୍ତ ବ୍ୟବସାୟୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ରାସ୍ତାକୁ ଟ୍ରାଫିକ ମୁକ୍ତ କରିବାକୁ ସହରର ବୁଦ୍ଧିଜୀବୀ ଦାବି କରିଛନ୍ତି। ମାତ୍ର ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ସହରବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବ୍ୟାସନଗର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ରଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ଧର୍ମଶାଳା ପବ୍ଲିକ ସ୍କୁଲ୍‌ରେ ଯୁକ୍ତ ୨ ବିଜ୍ଞାନ ପାଠ୍ୟକ୍ରମ ଖୋଲିବାକୁ ସ୍ୱୀକୃତି

ଧର୍ମଶାଳା,୭।୯ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ପଞ୍ଚାୟତ ଶଙ୍ଖାରିଡ଼ିହସ୍ଥିତ ଧର୍ମଶାଳା ପବ୍ଲିକ ସ୍କୁଲରେ ଯୁକ୍ତ ୨ ବିଜ୍ଞାନ ପାଠ୍ୟକ୍ରମ ଖୋଲିବାକୁ ସ୍ୱୀକୃତି ମିଳିଛି। ସିବିଏସ୍‌ଇ ପାଠ୍ୟକ୍ରମରେ ପ୍ରଥମରୁ ଦଶମ ଯାଏ ଏଠାରେ ପାଠପଢ଼ା ଚାଲିଥିବାବେଳେ ଯୁକ୍ତ ୨ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ କରିବାକୁ ସ୍କୁଲ୍ ପକ୍ଷରୁ ଅନୁମତି ପାଇଁ ଉଦ୍ୟମ ଜାରି ରହିଥିଲା। ଇତିମଧ୍ୟରେ ଏହି ସ୍କୁଲରେ ଯୁକ୍ତ ୨ ବିଜ୍ଞାନ ପାଠ୍ୟକ୍ରମରେ ନାମ ଲେଖାଇ ଛାତ୍ରୀଛାତ୍ର ପାଠ ପଢ଼ିବା ପାଇଁ କେନ୍ଦ୍ରୀୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏହି ସ୍କୁଲରେ ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନରେ ୧୨୮ ସିଟ୍ ମଞ୍ଜୁର କରାଯାଇଛି ବୋଲି ଅଧ୍ୟକ୍ଷା ସାବିତ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଧର୍ମଶାଳା ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍ୱଳ୍ପ ଖର୍ଚ୍ଚରେ ବିଜ୍ଞାନ ପଢ଼ିବା ସହିତ ମେଡିକାଲ କୋଚିଂ ଦିଆଯିବା ପାଇଁ ସ୍ଥିର କରାଯାଇଛି ବୋଲି ସ୍କୁଲ୍ ପ୍ରତିଷ୍ଠାତା ତଥା ପ୍ରାଧ୍ୟାପକ ଡ. ଭିକାରି ଚରଣ ସାମଲ ସୂଚନା ଦେଇଛନ୍ତି। ସ୍କୁଲରେ ଯୁକ୍ତ ୨ ବିଜ୍ଞାନ ପାଠ୍ୟକ୍ରମ ୨୦୨୩-୨୪ ବର୍ଷ ପାଇଁ ଖୋଲିଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଉତ୍ସାହ ପ୍ରକାଶ ପାଇଛି।

# ପିଇଓଙ୍କ ଆନ୍ଦୋଳନ ମାସେ ସ୍ଥଗିତ

- ଆଜିଠାରୁ କାର୍ଯ୍ୟରେ ଯୋଗଦେବେ
- ତ୍ୱରାନ୍ୱିତ ହେବ ପଞ୍ଚାୟତ ଉନ୍ନୟନ କାର୍ଯ୍ୟ

ରସୁଲପୁର,୭।୯ (ରଞ୍ଜିତ ରାଉତ):




ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ପିଇଓ ସଂଘର କର୍ମକର୍ତ୍ତା।

ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପଇଓ)ମାନଙ୍କ ଆନ୍ଦୋଳନ ମାସକ ପାଇଁ ସ୍ଥଗିତ ରଖାଯାଇଛି। ଆନ୍ଦୋଳନ ସ୍ଥଗିତ ରଖି ଆଜିଠାରୁ କାର୍ଯ୍ୟାଳୟକୁ ଫେରିବାକୁ ନିଷ୍ପତ୍ତି ନେଇଛି ରାଜ୍ୟ ପିଇଓ ସଂଘ। ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକରେ ନିଷ୍ପତ୍ତି ପରେ ସଂଘ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଏ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ସଂଘ ପକ୍ଷରୁ ସୂଚନା ଦିଆଯିବା ସହ ପ୍ରତ୍ୟେକ ଜିଲା ଓ ବ୍ଲକସ୍ତରୀୟ ସଂଗଠନର କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଯାଇଛି। ଏହାକୁ ସମ୍ମାନ ଜଣାଇ ରସୁଲପୁର ବ୍ଲକ ଅଧୀନରେ କାର୍ଯ୍ୟରତ ୧୮ ପିଇଓ ଶୁକ୍ରବାରଠାରୁ କାର୍ଯ୍ୟରେ ଯୋଗଦେଇ ଉନ୍ନୟନ କାର୍ଯ୍ୟକୁ ତଦାରଖ କରିବେ ବୋଲି ସୂଚନା ମିଳିଛି। ପିଇଓମାନେ କାର୍ଯ୍ୟଧାରାକୁ ଫେରିବା ପରେ ପୁଣି ପଞ୍ଚାୟତର ବିଭିନ୍ନ କାର୍ଯ୍ୟ ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି।

ରାଜ୍ୟରେ ପିଇଓମାନେ ୨ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୨୦୧୬ରେ ଅନୁରୂପ ଦାବିକୁ ନେଇ ଆନ୍ଦୋଳନ କରିଥିଲେ। ସେତେବେଳେ ୨୧ଦିନ ଆନ୍ଦୋଳନ ପରେ ସରକାର ଦାବି ପୂରଣ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସରକାର ତାହା ପାଳନ କରିବାରେ ବିଫଳ ହୋଇଥିଲେ। ଏଥର ପିଇଓମାନେ ସମାନ ଦାବିକୁ ନେଇ ୭ ଅଗଷ୍ଟରୁ କଳାବ୍ୟାଜ୍ ପରିଧାନ କରିଥିଲେ। ସେହି ମାସ ୧୮ରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିଲେ। ୨୦ଦିନ ପରେ ମାସିକିଆ ସର୍ତ୍ତମୂଳକ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଛି। ପୂର୍ବଥର ଅପେକ୍ଷା ଏଥର ପିଇଓଙ୍କ ଆନ୍ଦୋଳନକୁ ନେଇ ସରକାର ଆଉ ଏକ ପାଦ ଆଗକୁ ବଢ଼ିଛନ୍ତି। ତା'ହେଉଛି ଆନ୍ତଃମନ୍ତ୍ରୀସ୍ତରୀୟ ବୈଠକରେ ସଂଘ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା। ପୂର୍ବଥର କେବଳ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ଏଥର ମନ୍ତ୍ରୀସ୍ତରୀୟ ବୈଠକରେ ଦାବିକୁ ନେଇ ସଂଘ ଓ ସରକାରଙ୍କ ମଧ୍ୟରେ ତତ୍କାଳ ନିଷ୍ପତ୍ତି ହୋଇ ନ ପାରିବାରୁ ସରକାର ମାସେ ସମୟ ନେଇଛନ୍ତି। ସେହି ମୁତାବକ ସଂଘ ପକ୍ଷରୁ ଆନ୍ଦୋଳନକୁ ପ୍ରତ୍ୟାହାର କରାଯାଇ ପୁନର୍ବାର କାର୍ଯ୍ୟରେ ଯୋଗଦେବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥର ମନ୍ତ୍ରୀସ୍ତରୀୟ ବୈଠକରେ ହୋଇଥିବା ନିଷ୍ପତ୍ତି ପାଳନରେ ଯଦି ଟାଳଟୁଳ ନୀତି ଅବଲମ୍ବନ କରାଯାଏ ତେବେ ୭ ଅକ୍ଟୋବରରୁ ସଂଘ ପୁଣି ଆନ୍ଦୋଳନକୁ ଓହ୍ଲାଇବ। ଦାବିପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଯାଜପୁର ଜିଲା ପିଇଓ ସଂଘ ସମ୍ପାଦକ ନିକୁଞ୍ଜ ବିହାରୀ ରାଉତ ସୂଚନା ଦେଇଛନ୍ତି। ଚଳିତଥର ଆନ୍ଦୋଳନ ବେଳେ ପିଇଓ ସଂଘ ଓ ସରକାରଙ୍କ ପ୍ରତିନିଧି ମଧ୍ୟରେ ଏକାଧିକଥର ଆଲୋଚନା ବିଫଳ ହୋଇଥିଲା। ଶେଷରେ ସଂଘର ଜିଦ୍ ଆଗରେ ସରକାର ମୁଣ୍ଡ ନୂଆଁଇ ମନ୍ତ୍ରୀସ୍ତରୀୟ ବୈଠକ ବସିବା ପର୍ଯ୍ୟନ୍ତ କଥା ଯାଇଥିଲା। ତେବେ ପିଇଓଙ୍କ ଦାବିକୁ ନେଇ ସରକାରଙ୍କ ଆଭିମୁଖ୍ୟ କ'ଣ ହେଉଛି ଏଇ ମାସକ ମଧ୍ୟରେ ସ୍ପଷ୍ଟ ହୋଇପାରିବ ବୋଲି କୁହାଯାଉଛି।

## ଜେନାପୁର କଲେଜ ରୂପାନ୍ତରଣ ପାଇଁ ୧ କୋଟି

ଧର୍ମଶାଳା,୭।୯ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଯୁକ୍ତ ୨ ମହାବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟର ରୂପାନ୍ତରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ଯୁକ୍ତ ୨ ମହାବିଦ୍ୟାଳୟ ପାଇଁ ୫୦ ଲକ୍ଷ ଓ ଡିଗ୍ରୀ କଲେଜ ପାଇଁ ୫୦ ଲକ୍ଷ ଟଙ୍କା ରଖାଯାଇଛି। ଏହି ଅର୍ଥରେ କଲେଜରେ ସ୍ମାର୍ଟ କ୍ଲାସ ରୁମ୍ କରାଯିବା ସହ ଭିତ୍ତିଭୂମିର ବିକାଶ କରାଯିବ। ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଥିବା ସମସ୍ତ କଲେଜର ଭିତ୍ତିଭୂମି ବିକାଶ ପାଇଁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଉଦ୍ୟମ ଚଳାଇଛନ୍ତି। ଗତ ୩୧ ତାରିଖରେ ଧର୍ମଶାଳା ଗସ୍ତରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଆସି ଏହି ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ସମସ୍ତ କଲେଜକୁ ଅନୁଦାନ ଘୋଷଣା କରିଥିଲେ। ଏହିକ୍ରମରେ ଜେନାପୁର ଯୁକ୍ତ ୨ କଲେଜ ଓ ଯୁକ୍ତ ୩ କଲେଜକୁ ଉପରୋକ୍ତ ସହାୟତା ଘୋଷଣା କରିଥିଲେ। ନିର୍ଦ୍ଧାରିତ ସମୟରେ ଯେଉଁମାନେ କାର୍ଯ୍ୟ ସମାପନ କରିବେ ସେମାନଙ୍କୁ ଅଧିକ ଅର୍ଥ ପ୍ରଦାନ କରାଯିବ ବୋଲି ପାଣ୍ଡିଆନ କହିଥିଲେ। ଅର୍ଥରାଶି ମଞ୍ଜୁର ପରେ କଲେଜ ପରିଚାଳନା କମିଟି ସମେତ ଯୁକ୍ତ ୨ କଲେଜ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଦାଶ ଓ ଡିଗ୍ରୀ କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ଶତପଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଧର୍ମଶାଳା ବିଧାୟକ ବଳବନ୍ତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ନାବାଳିକାଙ୍କୁ ନିର୍ଯାତନା ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା,୭।୯ (ବଟକୃଷ୍ଣ ପରିଡ଼ା):

ଜେନାପୁର ଥାନା ଅଞ୍ଚଳର ଜଣେ ନାବାଳିକା ସ୍କୁଲ୍ ଛାତ୍ରୀଙ୍କୁ ନିର୍ଯାତନା ଦେବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର କାବୁଲ ଭୁୟାଁ (୩୪)। କାବୁଲା ସମ୍ପୃକ୍ତ ନାବାଳିକାଙ୍କୁ ଗତ ମାସ ୨୫ ତାରିଖରେ ସ୍କୁଲ୍ ଯିବା ରାସ୍ତାରେ ନିର୍ଯାତନା ଦେଇଥିଲେ। ଏ ସମ୍ପର୍କରେ ଘରେ କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ନାବାଳିକାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୨୨୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଏସ୍‌ଆଇ ସଞ୍ଜୟ କୁମାର ଭୋଳ ସୂଚନା ଦେଇଛନ୍ତି।

## ସିଂହପୁର-କଣ୍ଡିଆ ମୁଖ୍ୟ ରାସ୍ତାରେ ପାଣି



ସିଂହପୁର,୭।୯ (ଅନଙ୍ଗ ଉଦୟ ବେହୁରିଆ):

ବିଞ୍ଝାରପୁର ବ୍ଲକ୍ ଅଧୀନ ସିଂହପୁର-କଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ସାମାନ୍ୟ ବର୍ଷାରେ ଅଧିକାଂଶ ସ୍ଥାନରେ ପାଣି ଲହଡ଼ି ମାରୁଛି। ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି କରିବାକୁ ଦାବି ହୋଇଛି।

# ଦୁର୍ଘଟଣାକୁ ନେଇ ରାସ୍ତାରୋକୋ

ପାଣିକୋଇଲି,୭।୯ (ବିକାଶ ମଲ୍ଲିକ):

**ଅଟୋ ଓଲଟି ୨ ଆହତ**

ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ଗ୍ରାମ ନିକଟରେ ସୃଷ୍ଟି ହୋଇଥିବା ଖାଲରେ ଗୁରୁବାର ଏକ ଅଟୋ ଓଲଟି ପଡ଼ିବାରୁ ୨ ଜଣ ଆହତ ହୋଇଛନ୍ତି। ଏହାକୁ ନେଇ ଲୋକେ ରାସ୍ତା ଅବରୋଧ କରିଥିବାବେଳେ ପାଣିକୋଇଲି ପୋଲିସ ଓ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଛନ୍ତି। ତେବେ ୨ ଦିନ ମଧ୍ୟରେ ରାସ୍ତା ମରାମତି ନ ହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅଟୋଟି ଯାଜପୁରରୋଡ ଷ୍ଟେଶନରୁ ଯାତ୍ରୀଙ୍କୁ ଛାଡ଼ି ବିଞ୍ଝାରପୁର ଫେରୁଥିବା ସମୟରେ ଖାଲରେ ପଡ଼ିଥିଲା। ଫଳରେ ଅଟୋରେ ଥିବା ବିଞ୍ଝାରପୁରର ମୁଜାକିର ଖାନ(୧୮) ଓ ମୁଜାବିର ଖାନ (୨୨) ଗୁରୁତର ହୋଇଥିଲେ। ସେମାନଙ୍କୁ ପାଣିକୋଇଲିର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବୁଧବାର ଏଠାରେ ଦୁର୍ଘଟଣା ଘଟି ଜଣେ ସ୍କୁଟି ଚାଳକ ଗୁରୁତର ହୋଇଥିଲେ। ଜାତୀୟ ରାଜପଥରେ ବଡ଼ବଡ଼ଖାଲ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲେ ହେଁ ରାଜପଥ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ତେଣୁ ଗୋଟିଏ ସ୍ଥାନରେ ୨ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ପରେ ଲୋକେ ଏପରି ପ୍ରତିବାଦ କରିଛନ୍ତି।



ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

# ଲୋକାୟୁକ୍ତଙ୍କ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ

ଯାଜପୁର,୭।୯ (ହର୍ଷବର୍ଦ୍ଧନ ବେହେରା)

**ମାଙ୍କଡିଆଙ୍କ ପାଇଁ କଲୋନୀ ନିର୍ମାଣ ମାମଲା**



ମାଙ୍କଡିଆଙ୍କ ପାଇଁ ନିର୍ମାଣ ହେଉଥିବା କଲୋନୀ।

ସମାଜରେ ସବୁଠାରୁ ଅବହେଳିତ ଯାଯାବର ମାଙ୍କଡିଆ ସମ୍ପ୍ରଦାୟ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ବସତି କଲୋନୀ ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ଉପରେ ଲୋକାୟୁକ୍ତ ଭିଜିଲାନ୍ସକୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ସମ୍ପୃକ୍ତ ଯନ୍ତ୍ରୀ ଓ ଠିକାଦାର ବିବାଦ ଘେରକୁ ଠେଲି ହୋଇଯାଇଥିବା ଚର୍ଚ୍ଚା ଜୋର ଧରିଛି। ସାମାଜିକ କର୍ମୀ ମଣ୍ଟୁ ଦାସଙ୍କ ଅଭିଯୋଗ କ୍ରମେ ଲୋକାୟୁକ୍ତ ୩୪୬/୨୦୨୩ ନମ୍ବରରେ ଏକ ମାମଲା ରୁଜୁ କରିଥିଲେ। ଅଭିଯୋଗ ସେ ଦର୍ଶାଇଥିଲେ, ମାଙ୍କଡିଆ ଜନଜାତି ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଯାଜପୁର, ମୟୂରଭଞ୍ଜ, ସମ୍ବଲପୁର ଓ କଳାହାଣ୍ଡି ଜିଲାରେ ଏହି ଜନଜାତି ବସବାସ କରିଥାନ୍ତି। ଏମାନେ ପାର୍ଟିକୁଲାର ଭୁଲନେରେବୁଲ ଟ୍ରାଇବାଲ ଗ୍ରୁପ (ପିଭିଟିଜି) କେଟେଗୋରୀ ଅଧୀନରେ ଆସୁଛନ୍ତି। ବର୍ତ୍ତମାନ ଏହି ସମ୍ପ୍ରଦାୟର ୮୭ ପରିବାର କାଳିଆପାଣି ଖଣି ନିକଟସ୍ଥ ମଲ୍ଲାରସାହି ଗ୍ରାମରେ ବସବାସ କରୁଛନ୍ତି। ଏମାନଙ୍କୁ ଡିଏମ୍‌ଏଫ୍ (ଜିଲା ଖଣିଜ ପ୍ରତିଷ୍ଠାନ)ପାଣ୍ଠିରୁ ପ୍ରତ୍ୟେକ ପରିବାରଙ୍କୁ ଘର ସମେତ ପାନୀୟ ଜଳ, ବାଥରୁମ, ଇଲେକ୍ଟ୍ରି ଯୋଗାଇ ଦେବାକୁ ପାଣ୍ଠି ମଞ୍ଜୁର ହୋଇଛି। ହେଲେ ମଞ୍ଜୁର ପାଣ୍ଠିରୁ ପ୍ରାୟ ୮୭ ପ୍ରତିଶତ ଖର୍ଚ୍ଚ ହୋଇ ସାରିଛି। ଏହାସହ ଘର ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ୨୧।୨।୨୦୨୦ ସୁଦ୍ଧା ଶେଷ ହେବା କଥା। କିନ୍ତୁ ୩ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ମାତ୍ର ୩୦% କାମ ସରିଛି। ଫଳରେ ଏହିସବୁ ପ୍ରତିଶ୍ରୁତି ନୀରିହ ମାଙ୍କଡିଆ ଜନଜାତି ପରିବାରଙ୍କ ପାଇଁ ସ୍ୱପ୍ନ ହୋଇଛି। ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ର ନିର୍ବାହୀ ଯନ୍ତ୍ରୀଙ୍କ ୨୦।୭।୨୦୨୩ରେ ଜିଲାପାଳଙ୍କୁ ଦେଇଥିବା ବିନିଯୋଗ ପତ୍ର (ୟୁସି) ରିପୋର୍ଟ ଅନୁସାରେ ରାଆଁସୋଲ ମାଙ୍କଡ଼ିଆ ଜନଜାତିଙ୍କ ଥଇଥାନ କଲୋନୀ ନିର୍ମାଣ ପାଇଁ ୨୦୨୦-୨୧ରେ ଡିଏମଏଫ୍ ପାଣ୍ଠିରୁ ୨ କୋଟି ୮୧ ଲକ୍ଷ ୨୦ ହଜାର ଟଙ୍କା ଗ୍ରହଣ କରାଯାଇଛି। ସେଥିରୁ ୨ କୋଟି ୮୧ ଲକ୍ଷ ୧୯ ହଜାର ୯୨୯ ଟଙ୍କା ଖର୍ଚ୍ଚର ୟୁସି ଦାଖଲ ହୋଇଛି। ଗୃହ ନିର୍ମାଣ ବାବଦକୁ ୩ କୋଟି ୨୫ ଲକ୍ଷ ୧୮ ହଜାର ୩୯୨ ଟଙ୍କା ମଞ୍ଜୁର ହୋଇଥିଲା। ଏହି କ୍ରମରେ ମାତ୍ର ୪୩ ଲକ୍ଷ ୯୮ ହଜାର ୪୬୩ ଟଙ୍କା ବାକି ରହିଥିବାବେଳେ ଥଇଥାନ ବସତି ଗୃହଗୁଡ଼ିକର ଅଧିକାଂଶ କାର୍ଯ୍ୟ ବାକି ପଡିଛି। ତେଣୁ ଏଭଳି ବିନିଯୋଗକୁ ଅବଲୋକନ କଲେ ଗୃହ ନିର୍ମାଣ ନିମ୍ନମାନର ହେବା ସହ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରାଯାଇଛି। ଅଭିଯୋଗ ଉପରେ ଯାଜପୁର ଜିଲାପାଳଙ୍କ ସମେତ, ସୁକିନ୍ଦା ବିଡିଓ, ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ର ଅଧୀକ୍ଷଣ ଯନ୍ତ୍ରୀ ଓ ଠିକାଦାର ଭାଗବତ ଖଟୁଆଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ଲୋକାୟୁକ୍ତଙ୍କ ପକ୍ଷରୁ ଅଧ୍ୟକ୍ଷ ଓ ସଦସ୍ୟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଲୋକାୟୁକ୍ତରେ ମାମଲା ରୁଜୁ ହେବା ପରେ ସେହି ଘରଗୁଡିକର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଉଠାଣିସାହିରେ ନନ୍ଦୋତ୍ସବ ପାଳିତ

**ନୂଆଗାଁ,୭।୯ (ଧନେଶ୍ୱର ସାହୁ):** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ଉଠାଣିସାହିରେ ଗୁରୁବାର ନନ୍ଦ ଉତ୍ସବ ପାଳିତ ହୋଇଯାଇଛି । ଜନ୍ମାଷ୍ଟମୀ ଅବସରରେ ବୁଧବାର ସକାଳୁ ଉଠାଣିସାହିସ୍ଥିତ ରାଧାକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଦିନ ତମାମ ପୁରାଣ ପାଠ କରି କୃଷ୍ଣ ଜନ୍ମ ପାଳିତ ହୋଇଥିଲା । ଜନ୍ମାଷ୍ଟମୀ ଉପବାସ କରୁଥିବା ଭକ୍ତମାନେ ଦିନ ତମାମ ଉପବାସ ରହି କୃଷ୍ଣ ପୂଜା କରିଥିଲେ । ପୁରାଣାନୁସାରେ କୃଷ୍ଣ ଜନ୍ମ ହେବା ପରେ ନନ୍ଦପୁରରେ ଖୁସିର ଲହରି ଖେଳି ଯାଇଥିବା ବେଳେ ନନ୍ଦପୁରବାସୀ କୃଷ୍ଣଜନ୍ମର ଖୁସି ପାଳନ କରିବା ପାଇଁ ନନ୍ଦ ଉତ୍ସବ କରିଥିଲେ । ତେଣୁ ପାରମ୍ପରିକ ରୀତି ଅନୁସାରେ ଉଠାଣିସାହିବାସୀ ମଧ୍ୟ ନନ୍ଦ ଉତ୍ସବ ପାଳନ କରିଥିଲେ । ଗ୍ରାମର ଯୁବକମାନେ ନନ୍ଦରାଜା , ନନ୍ଦରାଣୀ , ଗୋପପୁରବାସୀ ଆଦି ବେଶରେ ସଜ୍ଜିତ ହୋଇଥିଲେ । ସନ୍ଧ୍ୟାରେ ଗାଡ଼ିରେ ନନ୍ଦରାଜା , ନନ୍ଦ ରାଣୀଙ୍କ ସମେତ ଅନ୍ୟମାନେ ଶୋଭାଯାତ୍ରାରେ ବାହାରି ବଜାର ଦେଇ ଗ୍ରାମ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା , ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା ଅତିଥି ଭାବେ ଯୋଗ ଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିତ

**ଖଣ୍ଡପଡ଼ା,୭।୯(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୯ମ ବାର୍ଷିକ ପ୍ରତିଷ୍ଠା ଦିବସ ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ମନୋଜ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଖଣ୍ଡପଡ଼ା ବିଡିଓ ଅରୁଣୀମା ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ଶିକ୍ଷାବିତ୍ ଜିତେନ୍ଦ୍ର ନାରାୟଣ ଦାଶ( ଦାଶ ବେନହୁର) ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ରୂପେ ଶିକ୍ଷାବିତ୍ ପ୍ରଦୀପ୍ତ କିଶୋର ମିଶ୍ର, ଶିକ୍ଷୟିତ୍ରୀ ଶୈଳବାଳା ରଥ, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଗୁଣାତ୍ମକ ଶିକ୍ଷାଦାନ ଓ ଶିକ୍ଷାଦାନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ନିମନ୍ତେ ରାଜ୍ୟ ସରକାର ୫-ଟି ରୂପାନ୍ତରୀକରଣ ଯୋଜନାରେ ଶିକ୍ଷାନୁଷ୍ଠାନ ଗୁଡିକର ଉନ୍ନତିକରଣ କରିବା ସହ ପ୍ରତ୍ୟେକ ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିଛନ୍ତି । ଯାହାକି ଶିକ୍ଷାଦାନ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣି ପାରିଛି ବୋଲି ଅତିଥି ମାନେ ମତ ଦେଇଥିଲେ । ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ଆୟୋଜିତ ତର୍କ, ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ ପରି ବିଭିନ୍ନ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଓଡ଼ିଶୀ, ରାଜସ୍ଥାନୀ, କ୍ଲାସିକାଲ ଓ ଆଧୁନିକ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# କଲ୍ୟାଣରେ ଲାଗୁନି ଗାଁ କଲ୍ୟାଣ ସମିତି ଅର୍ଥ

ଖଣ୍ଡପଡ଼ା,୭।୯(ଅଜୟ କୁମାର ମହାରଣା)

ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ, ପରିମଳ ସେବା ଯୋଗାଇ ଦେବାର ଲକ୍ଷ୍ୟ ରଖି ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଜରିଆରେ ପ୍ରତ୍ୟେକ ରାଜସ୍ୱ ଗାଁରେ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି । ଏହି ସମିତିରେ ଗାଁର ୱାର୍ଡ ସଭ୍ୟା, ସଭ୍ୟ, ଅଙ୍ଗନୱାଡି କର୍ମୀ, ରାଜସ୍ୱ ଗ୍ରାମର ଆଶା କର୍ମୀ, ଗ୍ରାମ୍ୟ ଜଳ ଯୋଗାଣ ସଂସ୍ଥାର ସ୍ୱାବଲମ୍ବୀ କାରିଗର, ସର୍ବାଧିକ ସଞ୍ଚୟ ଥିବା ୩ ମହିଳା ସ୍ୱୟଂ ସହାୟକ ଦଳର ପ୍ରତିନିଧିଙ୍କୁ ସାମିଲ କରାଯାଇଛି । ଏହି ଗାଁ କଲ୍ୟାଣ ସମିତିର ମୁଖ୍ୟ ଉଦ୍ଦେଶ୍ୟ ହେଲା ରାସ୍ତା ସଫେଇ, ନଳକୂପ ମରାମତି, ଅସହାୟ ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରିବା, ସ୍ୱାସ୍ଥ୍ୟ ସଚେତନତା ଆଦି ସୃଷ୍ଟି କରିବା । ଏପରି କି ପ୍ରତି ମାସ ଗୁରୁବାରରେ ଗାଁ କଲ୍ୟାଣ ସମିତି ପକ୍ଷରୁ ଗ୍ରାମ ସଭାମାନ କରାଯାଇ ଗ୍ରାମରେ ସୁସ୍ଥ ବାତାବରଣ ତଥା ପରିବେଶ ସୃଷ୍ଟି କରିବା ଏହାର ଲକ୍ଷ୍ୟ ।

ଏହି ଯୋଜନା ୨୦୦୮-୦୯ରୁ ସାରା ରାଜ୍ୟରେ କାର୍ଯ୍ୟ କରିଆସୁଛି । ଯୋଜନା କ୍ରମେ ପ୍ରତି ଗାଁ କଲ୍ୟାଣ ସମିତିକୁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ତରଫରୁ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏ ଅନୁଦାନ ରାଶି ସମିତିର ବ୍ୟାଙ୍କ ଜମା ଖାତାରେ ପ୍ରଦାନ କରାଯାଉଛି । ମାତ୍ର କଲ୍ୟାଣରେ ଲାଗି ପାରୁନି ଏହି ଗାଁ କଲ୍ୟାଣ ସମିତି ଅର୍ଥ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଅନ୍ୟପକ୍ଷେ ଗାଁ କଲ୍ୟାଣ ସମିତିକୁ ଆସୁଥିବା ଅର୍ଥ ବାଟ ମାରଣା କରା ଯାଉଥିବାର ଅଭିଯୋଗ ହେଉଛି । ଫଳ ସ୍ୱରୂପ ସରକାରୀ ଅର୍ଥ ସାମୁହିକ କଲ୍ୟାଣ କାର୍ଯ୍ୟରେ ନ ଲାଗି ବ୍ୟକ୍ତି ବିଶେଷଙ୍କ କାର୍ଯ୍ୟରେ ବେଶୀ ଲାଗୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। କୌଣସି ଉନ୍ନତିମୂଳକ କାର୍ଯ୍ୟରେ ଗାଁ କଲ୍ୟାଣ ସମିତିର ଭୂମିକା ଜଣାପଡୁନାହିଁ । ନାମକୁ ମାତ୍ର କେଉଁ ଗାଁରେ ୨ରୁ ୩ଟି ଅଳିଆ ଆବର୍ଜନା ପକାଇବା ପାଇଁ ସିମେଣ୍ଟ କୁଣ୍ଡ ରଖି ଗାଁ କଲ୍ୟାଣ ସମିତିର କାମ ଶେଷ କରାଯାଉଛି । ଏକଥା ସତ୍ୟ ଯେ, ଗ୍ରାମର ଅଧିକାଂଶ ଲୋକ ଗାଁ କଲ୍ୟାଣ ସମିତିର ଲକ୍ଷ୍ୟ ଓ କାର୍ଯ୍ୟକ୍ରମ ବିଷୟରେ ଜାଣିନାହାନ୍ତି । ଏଥିଯୋଗୁ ଗାଁ କଲ୍ୟାଣ ସମିତି ମୁଖ୍ୟ ସ୍ରୋତରୁ ବାଦ୍ ଯାଇ ବିଭିନ୍ନ ପଦାଧିକାରୀଙ୍କୁ ସନ୍ତୁଷ୍ଟ କରି ଗାଁରେ ୨ରୁ୩ଟି ଆବର୍ଜନା କୁଣ୍ଡ ବସାଇ ଓ କାଗଜ ପତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପାଦନ କରିଥିବା ସୂଚାଇ ଅନ୍ୟ ଦିଗ ପ୍ରତି ଆଖି ବୁଜି ଦେଉଛି।

ସୂଚନାଯୋଗ୍ୟ, ଖଣ୍ଡପଡ଼ା ବ୍ଲକରେ ସମୁଦାୟ ୧୬୬ ଗାଁ କଲ୍ୟାଣ ସମିତି ଗଠନ କରା ଯାଇଥିବା ବେଳେ ଏ ସମ୍ପର୍କରେ ନୂଆଗଡିଆ ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର(ବିପିଏମ୍)ଶୁଭ ସଙ୍କେତ ପଣ୍ଡାଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଉଥିଲା । ହେଲେ ସେ ଫୋନ ଉଠାଉ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ସୂଚନା ଅନୁଯାୟୀ, ଗୋଟିଏ ପଞ୍ଚାୟତର ଲୋକ ସଂଖ୍ୟା ୫ ହଜାରରୁ ଊର୍ଦ୍ଧ୍ୱ ହୋଇ ନ ଥିବା ବେଳେ ୧୦ରୁ ୧୨ଟି ରାଜସ୍ୱ ଗ୍ରାମକୁ ନେଇ ପଞ୍ଚାୟତ ଗଠନ ହୋଇଥିବାରୁ ସେଠାରେ ସେହି ପରିମାଣର ଗାଁ କଲ୍ୟାଣ ସମିତି ଗଠନ ହୋଇଛି। ଏପରି କି ପ୍ରାୟ ୭ ହଜାର ଜନ ସଂଖ୍ୟା ବିଶିଷ୍ଟ କୋଷକା ପଞ୍ଚାୟତରେ ୧୫ରୁ ଊର୍ଦ୍ଧ୍ୱ ଗାଁ କଲ୍ୟାଣ ସମିତି ଗଠନ ହୋଇଥିବା ବେଳେ ୧୫ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଗୋଟିଏ ରାଜସ୍ୱ ଗ୍ରାମକୁ ନେଇ ଗଠିତ କଣ୍ଟିଲୋ ପଞ୍ଚାୟତରେ ମାତ୍ର ଗୋଟିଏ ଗାଁ କଲ୍ୟାଣ ସମିତି ଗଠନ ହୋଇ ଥିବାରୁ ବର୍ଷକୁ ମାତ୍ର ୧୦ହଜାର ଟଙ୍କା ଅନୁଦାନ ଅର୍ଥ ଏଠାରେ ଆବଶ୍ୟକ ମୁତାବକ ଗାଁ କଲ୍ୟାଣ ସମିତିର କାର୍ଯ୍ୟକ୍ରମ କରିବା ଅସମ୍ଭବ ହୋଇ ପଡିଛି। ଗାଁ କଲ୍ୟାଣ ସମିତିକୁ ଆସୁଥିବା ଅର୍ଥର ସଦୁପଯୋଗ କରାଯିବା ନିମନ୍ତେ ଅଙ୍ଗନୱାଡି କେନ୍ଦ୍ର ଜରିଆରେ ରାଜସ୍ୱ ଗ୍ରାମଗୁଡିକ ପାଇଁ ଅଙ୍ଗନୱାଡି କେନ୍ଦ୍ର ଓ ୱାର୍ଡ ସଦସ୍ୟଙ୍କ ଜରିଆରେ ଯୁଗ୍ମ ଆକାଉଣ୍ଟ ଖୋଲା ଯିବାକୁ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି ଗାଁ କଲ୍ୟାଣ ସମିତିର ସଦସ୍ୟ ଭାବେ ଆଶା କର୍ମୀମାନେ ମଧ ରହିଛନ୍ତି । ତାହା ସତ୍ତ୍ୱେ ମଧ ଗାଁ କଲ୍ୟାଣ ସମିତିକୁ ଆସୁଥିବା ଅର୍ଥର ଠିକ ବିନିଯୋଗ କରାଯାଉ ନ ଥିବା ଅଭିଯୋଗ ହେଉଛି । ସରକାରଙ୍କ ଏହି ଜନହିତକାରୀ କାର୍ଯ୍ୟ କେବଳ କାଗଜ କଲମରେ ସୀମିତ ରହିଯାଉଥିବା ବେଳେ ଗାଁ ଗହଳିର ଜନସାଧାରଣଙ୍କ ନିକଟରେ ଗାଁ କଲ୍ୟାଣ ସମିତିର କାର୍ଯ୍ୟଧାରା ଅପହଞ୍ଚ ରହିଯାଉଛି । ବିଶେଷ କରି ୧୫ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ କଣ୍ଟିଲୋ ପଞ୍ଚାୟତ ଏକ ରାଜସ୍ୱ ଗ୍ରାମ ହୋଇଥିବାରୁ ଏଠାରେ ମାତ୍ର ଗୋଟିଏ ଗାଁ କଲ୍ୟାଣ ସମିତି ଥିବାରୁ ଏହି ସମିତିକୁ ମାତ୍ର ୧୦ ହଜାର ଟଙ୍କା ଅନୁଦାନ ଆସୁଥିବାରୁ ତାହା କିପରି ଏବଂ କେଉଁଠି କି କାର୍ଯ୍ୟ ସଂପାଦନ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରି ସ୍ଥିତିରେ କଣ୍ଟିଲୋରେ ଥିବା ଗାଁ କଲ୍ୟାଣ ସମିତିଟି ଦୀର୍ଘ୬ବର୍ଷରୁ ଊର୍ଦ୍ଧ୍ୱ ହେବ ବନ୍ଦ ହୋଇଯାଇଛି। ପୂର୍ବରୁ ଗଠିତ ଏହି ସିମତିକୁ ମଞ୍ଜୁର ହେଉଥିବା ୧୦ ହଜାର ଟଙ୍କାରୁ ସିଟିଂ ଫି ଓ ଅନ୍ୟାନ୍ୟ ବାବଦରେ ୫ ହଜାର, ବିଭିନ୍ନ ସଚେତନତା ପାଇଁ ସରକାରୀ କାର୍ଯ୍ୟକ୍ରମ ପାଲା କିମ୍ବା ଦାସକାଠିଆ ଆସିଲେ ସେ ବାବଦ ୨ ହଜାରରୁ ଊର୍ଦ୍ଧ୍ୱ, ବିଧି ବ୍ୟବସ୍ଥା କ୍ରମେ ଅଙ୍ଗନୱାଡି କର୍ମୀଙ୍କ ସାଇକେଲ ମରାମତି ଓ ବାକ୍ସ ପାଇଁ ଖର୍ଚ୍ଚ ଏବଂ ବିଭିନ୍ନ ସ୍ଥାନରେ ସଫେଇ ପାଇଁ ୨ଶହ ଟଙ୍କା ପ୍ରଦାନ କରିବାର ନିୟମ ରହିଛି । ଫଳରେ ଗାଁରେ ଅନ୍ୟ କୌଣସି କାର୍ଯ୍ୟ ଏହି ସୀମିତ ଅର୍ଥରେ କରିବା ସମ୍ଭବ ହେଉ ନ ଥିବାରୁ ଗତ ୬ ବର୍ଷ ହେଲା ଅନୁଦାନ ଅର୍ଥ ଖର୍ଚ୍ଚ ନ ହୋଇ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇ ରହି ଗାଁ କଲ୍ୟାଣ ସମିତିର କାର୍ଯ୍ୟ ହେଉ ନାହିଁ। ଅନ୍ତତଃ ୨୫ଟି ୱାର୍ଡ ତଥା ୩ଟି ଜୋନ(କ, ଖ ଓ ଗ)କୁ ନେଇ ଗଠିତ କଣ୍ଟିଲୋ ରାଜସ୍ୱ ଗ୍ରାମରେ ଅନ୍ତତଃ ୩ଟି ଗାଁ କଲ୍ୟାଣ ସମିତି କରିବାର ସରକାରୀ ବ୍ୟବସ୍ଥା କରାଗଲେ ଗାଁରେ କିଛି କାର୍ଯ୍ୟକ୍ରମ ହୁଅନ୍ତା ବୋଲି ସାଧାରଣରେ ଦାବି ହେଉଛି । ଅପରପକ୍ଷରେ କଣ୍ଟିଲୋ ପଞ୍ଚାୟତରେ ଦୀର୍ଘ ବର୍ଷ ହେଲା ଗାଁ କଲ୍ୟାଣ ସମିତିଟି ବନ୍ଦ ହୋଇ ରହିଥିବା ବେଳେ ଗତ ୫ ତାରିଖରେ ଏହି ଗାଁ କଲ୍ୟାଣ ସମିତିକୁ ପୁର୍ନଗଠନ କରାଯାଇଥିବା ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡ. ଅଭିଷାର ପଣ୍ଡା ସୂଚନା ଦେଇଛନ୍ତି । ସଂପୃକ୍ତ ଗାଁ କଲ୍ୟାଣ ସମିତି ବ୍ୟାଙ୍କ ଆକାଉଣ୍ଟରେ ୮୭ ହଜାର ୯ଶହ ଟଙ୍କା ଖର୍ଚ୍ଚ ନ ହୋଇ ପଡି ରହିଥିବା ବେଳେ ଚଳିତ ବର୍ଷର ୧୦ ହଜାର ଟଙ୍କା ଖୁବ ଶୀଘ୍ର ପଠାଯିବ ବୋଲି ଡ.ପଣ୍ଡା ସୂଚନା ଦେଇଛନ୍ତି।

## ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ପ୍ରତିଯୋଗିତା

### ଅତିଥିଙ୍କ ମନ ମୋହିଲା ମାଣ୍ଡିଆ ତିଆରି ଖାଦ୍ୟ


ଅତିଥିମାନେ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ଖାଇ ମଜା ନେଉଛନ୍ତି ।

ନୂଆଗାଁ,୭।୯(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପରିସରରେ ଗୁରବାର ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଆନ୍ତର୍ଜାତୀୟ ମିଲଟ ବର୍ଷ-୨୦୨୩ ଉପଲକ୍ଷେ ଜିଲା କୃଷି ବିଭାଗ ସହଯୋଗରେ ହାମ୍‌ସ ଅନୁଷ୍ଠାନ ଦ୍ୱାରା ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ନୂଆଗାଁ ବ୍ଲକର ୧୨ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ୩ ଅଙ୍ଗନୱାଡି କେନ୍ଦ୍ର କର୍ମୀ ଭାଗ ନେଇଥିଲେ । ଏଥିପାଇଁ ସେମାନେ ମାଣ୍ଡିଆରେ ତିଆରି ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ଆଣିଥିଲେ । ଏହି କାର୍ଯ୍ୟକ୍ରମକୁ ନୂଆଗାଁ ଚେୟାରମ୍ୟାନ ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ସଚ୍ଚିଦାନନ୍ଦ ମିଶ୍ର ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ପରେ ଅତିଥିମାନଙ୍କ ସହ ବିଚାରକ ମଣ୍ଡଳୀ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଓ ପ୍ରଦର୍ଶିତ ଖାଦ୍ୟର ସ୍ୱାଦ ପରଖି ଥିଲେ । ବ୍ଲକର ସମସ୍ତ କର୍ମଚାରୀ ଓ ସାଧାରଣ ଲୋକଙ୍କୁ ମଧ୍ୟ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟକୁ ବଣ୍ଟନ କରାଯାଇଥିଲା । ତେବେ ମହିଳାମାନଙ୍କ ଦ୍ୱାରା ମାଣ୍ଡିଆରେ ପ୍ରସ୍ତୁତ ଆରିସା, କାକରା, ଚନ୍ଦ୍ରକାନ୍ତି, ଦହିବୁନ୍ଦି, ଛେନାପୋଡ଼ , ଉପମା, ହାଲୁଆ, ବରା, ମଣ୍ଡାପିଠା, ଚକୁଳି ଭଳି ଅନେକ ସୁସ୍ୱାଦୁ ଖାଦ୍ୟ ଅତିଥିମାନଙ୍କ ମନ ମୋହିଥିଲା । ୧୫ ଗ୍ରୁପ ମଧ୍ୟରୁ ଭଲ ଖାଦ୍ୟ ପ୍ରସ୍ତୁତକାରୀ ମହିଳା ଭାବେ ଶୁକ୍ରବାର ୯ ଗ୍ରୁପ୍‌କୁ ଚୟନ କରାଯାଇଛି । ସେହିପରି ଶୁକ୍ରବାର ୯ ଗ୍ରୁପ୍ ମଧ୍ୟରୁ ୩ ଗ୍ରୁପ୍‌କୁ ଅଗ୍ରଣୀ ଖାଦ୍ୟ ପ୍ରସ୍ତୁତକାରୀ ଭାବେ ବଛା ଯିବ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମାଣ୍ଡିଆକୁ ଏକ ପୁଷ୍ଟିକର ଖାଦ୍ୟ ଭାବେ ଗ୍ରହଣ କରିବା ସହ ମାଣ୍ଡିଆ ଚାଷ ପ୍ରତି ଲୋକଙ୍କ ମନରେ ଆଗ୍ରହ ସୃଷ୍ଟି କରାଯାଇପାରିବ ବୋଲି ଆୟୋଜକ ହାମସ ସଙ୍ଗଠନର ସମ୍ପାଦକ ବିଜୟ କୁମାର ମହାପାତ୍ର କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସିଡିପିଓ ଶୁଭ୍ରକେଶୀ ମଲିକ, ବିପିଏମ୍ ସସ୍ମିତା ପରିଡ଼ା, କୃଷି ଅଧିକାରୀ ବିରେନ୍ଦ୍ର ମହାନ୍ତି, ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ ଦିଲିପ କୁମାର ନାୟକ ଯୋଗ ଦେଇଥିଲେ । ମିଲଟ ମିଶନ ସଂଯୋଜିକା ସୁନିତା ଦାସଗୁପ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଭାରତଯୋଡ଼ୋ ଯାତ୍ରାର ଏକବର୍ଷ ପୂର୍ତ୍ତି

### ଜାତୀୟ ସଙ୍ଗୀତ, ରାମଧୁନ ଗାନ କରି ପାଳିଲା କଂଗ୍ରେସ

ନୟାଗଡ଼,୭।୯(ଲୋକନାଥ ମିଶ୍ର)

ଅଖିଳ ଭାରତ କଂଗ୍ରେସ କମିଟି ପୂର୍ବତନ ସଭାପତି ତଥା ଏମ୍‌ପି ରାହୁଲ ଗାନ୍ଧୀଙ୍କ ୪୦୦୦ କିଲୋମିଟର ବ୍ୟାପି କନ୍ୟାକୁମାରୀଠାରୁ କାଶ୍ମୀର ଘାଟି ପର୍ଯ୍ୟନ୍ତ ଐତିହାସିକ ଭାରତଯୋଡ଼ୋ ଯାତ୍ରା ୧ ବର୍ଷ ପୂର୍ତ୍ତି ହୋଇଛି। ଏ ଅବସରରେ ୭ ସେପ୍ଟେମ୍ବର ଗୁରୁବାର ଅପରାହ୍ନ ୫ ଘଟିକା ସମୟରେ ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ନୟାଗଡ଼ ତ୍ରିନାଥ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ, ଜାତୀୟ ସଙ୍ଗୀତ, ରାମଧୁନ ଗାନ କରାଯାଇଥିଲା । ଏବେ କ୍ଷମତାରେ ଅହଙ୍କାର, ଘୃଣା ବିଦ୍ୱେଷ,ଅସହିଷ୍ଣୁତା ରାଜନୀତି କରି ଅଖଣ୍ଡ ଭାରତବର୍ଷକୁ ଖଣ୍ଡବିଖଣ୍ଡ କରି ବିବିଧତା ଭିତରେ ଏକତା ଭାଇଚାରାକୁ ନଷ୍ଟ କରୁଥିବା ଏକଛତ୍ରବାଦ ସରକାର ବିରୋଧରେ ରାହୁଲ ଗାନ୍ଧୀଙ୍କ ଅହିଂସା ମନ୍ତ୍ର ନେଇ ଭାରତଯୋଡ଼ୋ ଯାତ୍ରାର ସ୍ମୃତିଚାରଣ କରାଯାଇଥିଲା । ଜିଲା କଂଗ୍ରେସ ସଭାପତି ଆଇନଜୀବି ରଣଜିତ ଦାଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପର୍ଯ୍ୟବେକ୍ଷକ ପିସିସି ଉପସଭାପତି ବିଭୁତି ମିଶ୍ର, ଜିଲା ସେବାଦଳ ସଂଯୋଜକ ବିମଳ ଦାଶ, ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ବରିଷ୍ଠ ନେତା ହୁସେନ ଖାଁ, ଡିସିସି ସାଧାରଣ ସମ୍ପାଦକ ଲ.ଷଡ଼ଙ୍ଗୀ, ଡିସିସି ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ଅମଜାଦ ଖାଁ, ଦଳୀୟ ନେତା ପୂର୍ଣ୍ଣଚନ୍ଦ୍ର ସାନ୍ତ, ଅଶୋକ କୁମାର ନାୟକ,ସେବାଦଳ କର୍ମୀ ନବକିଶୋର ସାଥିଆଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ। କର୍ମୀ ଓ ସମର୍ଥକମାନେ ଯୋଡୋ ଯୋଡ଼ୋ ଭାରତ ଯୋଡୋ, ରାହୁଲ ଗାନ୍ଧୀ ଜିନ୍ଦାବାଦ ନାରା ଦେଇଥିଲେ ।



ଭାରତ ଯୋଡ଼ୋ ଯାତ୍ରା ପୂର୍ତ୍ତି ଉତ୍ସବରେ ସାମିଲ ହୋଇଥିବା କଂଗ୍ରେସ କର୍ମୀ ଓ ନେତା।

## ଉନ୍ନତ ଜ୍ଞାନକୌଶଳରେ ମହୁଚାଷ ପ୍ରଶିକ୍ଷଣ ଶିବିର

ଗଣିଆ,୭।୯(ସନ୍ତୋଷ କୁମାର ପ୍ରଧାନ)

ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ତରଫରୁ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଆନୁକୂଲ୍ୟରେ ଛାମୁଣ୍ଡିଆ ପଞ୍ଚାୟତ ମୁଦୁଲିଗାଡ଼ିଆ ମଙ୍ଗାନାସୀ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ପରିସରରେ ଉନ୍ନତ ଜ୍ଞାନକୌଶଳରେ ମହୁଚାଷ ପ୍ରଶିକ୍ଷଣ ଶିବିର ଗୁରୁବାର ଆରମ୍ଭ ହୋଇଛି । ମୁଖ୍ୟ ଅତିଥି ଭାବେ ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ଅଧିକାରୀ ବେଣୁଧର ପ୍ରଧାନ, ସମ୍ମାନୀତ ଅତିଥି ଛାମୁଣ୍ଡିଆ ପଞ୍ଚାୟତ ସରପଞ୍ଚ ଦୀପ୍ତିରେଖା ସେନାପତି, ପୂର୍ବତନ ଗଣିଆ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମିଶ୍ର, ସଫଳ ମହୁଚାଷୀ ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ଦେବବ୍ରତ ସାହୁ , ସାମାଜିକ କର୍ମୀ ତ୍ରିଲୋଚନ ଜେନା ପ୍ରମୁଖ ଯୋଗଦେଇଥିଲେ । ଦିନକୁ ଦିନ କଳକାରଖାନା ବୃଦ୍ଧି, ପରିବେଶ ପରିବର୍ତ୍ତନ, ମୋବାଇଲ ଟୱାର ବୃଦ୍ଧି ପାଉଥିବା ଯୋଗୁ ମହୁମାଛି ବଂଶ ଲୋପ ପାଇବାକୁ ବସିଲାଣି। ମହୁମାଛିଙ୍କ ସଂରକ୍ଷଣ ତଥା ବଂଶବୃଦ୍ଧିନିତ୍ୟାନ୍ତ ଆବଶ୍ୟକ । ଛାମୁଣ୍ଡିଆ ଏକ ବଣଜଙ୍ଗଲ ଘେରା ଅଞ୍ଚଳ ହୋଇଥିବାରୁ ମହୁଚାଷ ପାଇଁ ଏହା ଏକ ପ୍ରକୃଷ୍ଟ ସ୍ଥାନ । ଏ ନେଇ ସଚେତନତା ସୃଷ୍ଟି ତଥା ଅଧିକରୁ ଅଧିକ ମହୁଚାଷ କରି ଲୋକେ ଆତ୍ମନିର୍ଭରଶୀଳ ହେବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ସରକାରଙ୍କ ତରଫରୁ ମିଳୁଥିବା ସୁବିଧା ସୁଯୋଗ ଓ ଉନ୍ନତ ଧରଣରେ ମହୁଚାଷ ପାଇଁ ପ୍ରଶିକ୍ଷକ ଭାବେ ଦେବବ୍ରତ ସାହୁ ଓ ଈଶ୍ୱର ଚନ୍ଦ୍ର ପରିଡ଼ା ଯୋଗଦେଇ ଚାଷୀମାନଙ୍କୁ ୭ଦିନ ଧରି ପ୍ରଶିକ୍ଷଣ ଦେବେ । ସ୍ୟାଣ୍ଡ ରିସୋର୍ଟର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସମେତ ଗଣିଆ, ଦଶପଲ୍ଲା ଅଞ୍ଚଳର ୩୦ଜଣ ମହୁଚାଷୀଙ୍କୁ ଆସନ୍ତା୧୩ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।



ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି ।

## ଦଶପଲ୍ଲାରେ ନନ୍ଦ ଉତ୍ସବ

ଦଶପଲ୍ଲା,୭।୯(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଏନ୍‌ଏସିର ନହାକପଡା ଗ୍ରାମରେ ପବିତ୍ର ନନ୍ଦ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ମନ୍ଦିର ସମ୍ମୁଖରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ରୂପେ ବିଧାୟକ ରମେଶ ଚନ୍ଦ୍ର ବେହେରା , ପୂର୍ବତନ ବ୍ଲକ ଚେୟାରମ୍ୟାନ୍ ଉପେନ୍ଦ୍ର କୁମାର ସାହୁ, ଏନଏସିର ଭାଇସ୍ ଚେୟାରମ୍ୟାନ୍ କିଶୋର ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ଉକ୍ତ ଗାମରେ ନୂତନ ରାଧାକୃଷ୍ଣଙ୍କ ମନ୍ଦିର ନିର୍ମାଣ ନିମନ୍ତେ ଅତିଥିମାନଙ୍କ ଦ୍ୱାରା ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ମହିଳା ଏବଂ ପୁରୁଷ ଯୋଗ ଦେଇଥିଲେ ।

## ବାଲ୍ୟବିବାହ ମୁକ୍ତ ଭାରତ ଗଠନ କର୍ମଶାଳା

**ଓଡ଼ଗାଁ,୭।୯(ଆଦର୍ଶ କୁମାର ପଟ୍ଟନାୟକ):** ସଂପ୍ରତି ସାରା ଭାରତରେ ବାଲ୍ୟ ବିବାହ ଏକ ସମସ୍ୟା ହୋଇଥିବା ବେଳେ ଶତକଡା ୨୩ ଭାଗ ସମଗ୍ର ଦେଶରେ ଓ ଓଡ଼ିଶାରେ ଶତକଡା ୨୦ ଭାଗ ଶିଶୁ ବାଲ୍ୟ ବିବାହ କରୁଥିବା ଉଭୟ ସରକାଙ୍କ ନିମନ୍ତେ ସମସ୍ୟା ସୃଷ୍ଟି କରିଛି । ଏସବୁ କାରଣରୁ ଏହାକୁ ପ୍ରତିହିତ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ତଥା କୈଳାଶ ସତ୍ୟାର୍ଥୀ ଚିଲଡ୍ରେନ ଫାଉଣ୍ଡେଶନ ସାରା ଭାରତରେ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ ଆରମ୍ଭ ହୋଇଛି । ଏପରିପ୍ରେକ୍ଷୀରେ ଗୁରୁବାର ସ୍ଥାନୀୟ ବ୍ଲକ ସଭାଗୃହରେ ବିଡିଓ ସନ୍ତୋଷ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ରୁଚିକାର ଜିଲା ସଂଯୋଜିକା ଶୁଭସ୍ମିତା ମହାନ୍ତି, ସିଡିପିଓ ଲହଡିବାଳା ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସତ୍ୟ ରଞ୍ଜନ ଦାସ ଓ ଓଡ଼ଗାଁ ଥାନା ଶିଶୁ ଡେସ୍କ ଅଧିକାରୀ ଚକ୍ରଧର ସିଂ ମଞ୍ଚାସୀନ ହେବା ସହିତ ଏନେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସରକାରୀ ଓ ବେସରକାରୀ ସ୍ତରରେ ବାଲ୍ୟ ବିବାହ ବନ୍ଦ କରିବାକୁ ଉଦ୍ୟମ କରିବାକୁ ସମସ୍ତେ ଶପଥ ପାଠ କରିଥିଲେ । ଏଥିରେ ଅଙ୍ଗନୱାଡି କର୍ମୀ, ନିର୍ବାଚିତ ପ୍ରତିନିଧି, ମିଶନ ଶକ୍ତି ମହିଳା ସଙ୍ଗଠନର କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ । ଜିଲା ଚାଇଲ୍ଡ ଲାଇନ ତରଫରୁ ଚନ୍ଦ୍ର ଶେଖର ବେହେରା, ଶୁଚିସ୍ମିତା ଜେନା, ସୁଜାତା ବେହେରା ଓ ବିକ୍ରମ ପ୍ରଧାମ କର୍ମଶାଳା ପରିଚାଳନା କରିଥିଲେ ।

## ଭାଜପାର ସମ୍ବର୍ଦ୍ଧନା ସଭା, ମିଶ୍ରଣ ପର୍ବ

ନୟାଗଡ଼,୭।୯(ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣା ସହର ସ୍ଥିତ ପୁରୁଣା ରାଜବାଟୀଠାରେ ଭାଜପା ପକ୍ଷରୁ ଗୁରୁବାର ରାତିରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ନେତ୍ରୀ ତଥା ପୂର୍ବତନ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଯୋଗ ଦେଇ ଭାଜପା କୃଷକ ମୋର୍ଚ୍ଚାର ନବନିଯୁକ୍ତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃପାସିନ୍ଧୁ ଗୌଡ଼ ଓ ଜିଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀନିବାସ ପ୍ରଧାନଙ୍କୁ ଶୁଭେଚ୍ଛା ଜଣେଇବା ସହ ସମ୍ବର୍ଦ୍ଧିତ କରିଥିଲେ। ନିଯୁକ୍ତି ନିମନ୍ତେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତିଙ୍କୁ ଧନ୍ୟବାଦ ଦେବା ସହ ନୟାଗଡ଼ ଭାଜପା ଆହୁରି ଅଧିକ ସଙ୍ଗଠିତ ହେବ ବୋଲି ଆଶା ଓ ବିଶ୍ୱାସ ରଖିଛନ୍ତି ବୋଲି ପ୍ରତ୍ୟୁଷା ସିଂ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏକ ଭୟମୁକ୍ତ ତଥା ଭ୍ରଷ୍ଟାଚାର ମୁକ୍ତ ନୟାଗଡ଼ ଗଠନରେ ଖବରଦାତାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଣୁ ଆପଣମାନେ ନୟାଗଡ଼ର ଅବ୍ୟବସ୍ଥା ଓ ଦୁର୍ନୀତି ବିରୋଧରେ ଆମକୁ ସଂଗ୍ରାମରେ ସହଯୋଗ କରନ୍ତୁ ବୋଲି କହିଥିଲେ। ଏହା ସହ ଅନୁଷ୍ଠିତ ମିଶ୍ରଣ ପର୍ବରେ ଘଡୁଆଳ ଗ୍ରାମପଞ୍ଚାୟତର ୧୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡି ତ୍ୟାଗ କରି ପ୍ରତ୍ୟୁଷା ରାଜେଶରୀ ସିଂଙ୍କ ନେତୃତ୍ୱ ଉପରେ ଆସ୍ଥା ରଖି ଭାଜପାରେ ଯୋଗ ଦେଇଥିଲେ। ନୂତନ ଭାବେ ଯୋଗଦେଇଥିବା ସମସ୍ତ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳରେ ସ୍ୱାଗତ କରାଯାଇଥିଲା । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ବରିଷ୍ଠ ନେତା ନସିର ଅହମ୍ମଦ, କୃଷକ ନେତା ସନ୍ତୋଷ ପ୍ରଧାନ, ରଜନୀକାନ୍ତ ନନ୍ଦ, ସୌମ୍ୟରଞ୍ଜନ ପ୍ରଧାନ, ସନ୍ତୋଷ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।



ସମ୍ବର୍ଦ୍ଧନା ଉତ୍ସବରେ ପୂର୍ବତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଓ ଅନ୍ୟମାନେ।

## ଜିଜ୍ଞାସା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

### ପ୍ରଥମ ପର୍ଯ୍ୟାୟରେ ୨ ବ୍ଲକର ୬୦ ବିଜ୍ଞାନ ଶିକ୍ଷକ ନେଲେ ତାଲିମ

ନୟାଗଡ଼,୭।୯(ଲୋକନାଥ ମିଶ୍ର)



ପ୍ରଶିକ୍ଷଣ ଶିବିରର ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି ।

ନୟାଗଡ଼ ବ୍ଲକର ପ୍ରଥମ ପର୍ଯ୍ୟାୟ ଜିଜ୍ଞାସା ପ୍ରଶିକ୍ଷଣ ଶିବିର ବାମନ ଅବକାଶ ସରକାରୀ ଉଚ୍ଚ ବିଦ୍ୟାଳୟ, ଇଟାମାଟିଠାରେ ଗୁରୁବାର ଆରମ୍ଭ ହୋଇଛି। ଏହା ଶୁକ୍ରବାର ଉଦ୍‌ଯାପିତ ହେବ । ୫-ଟି ବିଦ୍ୟାଳୟ ରୂପାନ୍ତରଣ ଆଧାରିତ ଏହି କାର୍ଯ୍ୟକ୍ରମ ମୋ ସ୍କୁଲ ଅଭିଯାନ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଛି। ନୟାଗଡ଼ ଓ ନୂଆଗାଁ ବ୍ଲକର ୫ଟି ହାଇସ୍କୁଲର ୬୦ ବିଜ୍ଞାନ ଶିକ୍ଷକ ନେଲେ ତାଲିମ। ଶିବିରକୁ ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ଉଦ୍‌ଘାଟନ କରି କହିଛନ୍ତି, ଶିକ୍ଷକମାନେ ଶିକ୍ଷାର ମେରୁଦଣ୍ଡ। ଶିକ୍ଷକ ଓ ବିଦ୍ୟାର୍ଥୀ ମିଶି ଏକ ସୁସ୍ଥ ଶିକ୍ଷା ପରମ୍ପରା ସୃଷ୍ଟି କରିପାରିବେ । ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଜିଜ୍ଞାସାର ସମାଧାନ ପାଇଁ ଉତ୍ସାହିତ କରିବା ସହ ସେମାନଙ୍କୁ ପ୍ରଶ୍ନ ପଚାରିବା ଦିଗରେ ସାହସ ଓ ସୁଯୋଗ ଦେବା ଶିକ୍ଷକମାନଙ୍କ ପ୍ରାଥମିକ କର୍ତ୍ତବ୍ୟ ହେବା ଆବଶ୍ୟକ। ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କ ମନୋବୃତ୍ତି ତଥା ସୃଜନଶୀଳତା ବୃଦ୍ଧି କରି ସେମାନଙ୍କୁ ନୂତନ ପ୍ରକଳ୍ପ ପ୍ରସ୍ତୁତିରେ ସାହାଯ୍ୟ କରିବା, ବିଜ୍ଞାନ ସମ୍ମତ ତତ୍ତ୍ୱ ଆଧାରିତ ଚିନ୍ତନ ମାଧ୍ୟମରେ ଅନୁସନ୍ଧାନ କରିବାରେ ସହଯୋଗ କରିବା ଦିଗରେ ଶିକ୍ଷକମାନେ ତତ୍ପର ହେବା ଆବଶ୍ୟକ ବୋଲି ଜିଲା ଶିକ୍ଷା ଅଧିକାରୀ ବିଭିନ୍ନ ବିଦ୍ୟାଳୟରୁ ପ୍ରଶିକ୍ଷଣ ପାଇଁ ଆସିଥିବା ଶିକ୍ଷକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ ସହ ଜିଲା ଶିକ୍ଷା ଅଧିକାରୀ ବିଦ୍ୟାଳୟର ପ୍ରାର୍ଥନା ସଭାରେ ଯୋଗଦେଇଥିଲେ। ଏହା ସହିତ ବିଦ୍ୟାଳୟ ଲାଇବ୍ରେରୀ, ଇ-ଲାଇବ୍ରେରୀ, ବିଜ୍ଞାନାଗାର,ଶ୍ରେଣୀ ଆଦି ପର୍ଯ୍ୟବେକ୍ଷଣ କରି ଶିକ୍ଷକ ତଥା ଛାତ୍ରମାନଙ୍କୁ ଶିକ୍ଷା ଏବଂ ଶିକ୍ଷଣ ଉପରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

